# ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡିଶା, ଭୁବନେଶ୍ୱର

**NMMS**

## ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା, ୨୦୨୩-୨୦୨୪

୨୦୨୩-୨୦୨୪ ଶିକ୍ଷା ବର୍ଷରେ ୩୩୧୪ ଟି ଜାତୀୟ ଆୟ ଭିତ୍ତିକ ମେଧା ବୃତ୍ତି ପାଇଁ ରାଜ୍ୟ ସରକାରୀ/ସରକାରୀ ସାହାଯ୍ୟ ପ୍ରାପ୍ତ ବିଦ୍ୟାଳୟରେ ୮ମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଏଥିପାଇଁ ଚଳିତ **୨୦୨୩ ନଭେମ୍ବର ୦୫ ତାରିଖ (ରବିବାର)** ଦିନ ନିମ୍ନ ବିବରଣୀ ଅନୁସାରେ ପରୀକ୍ଷା ଅନୁଷ୍ଠିତ ହେବ ।

**ପରୀକ୍ଷା :** ୨୦୨୩-୨୦୨୪ ବର୍ଷ ପାଇଁ ଆୟ ଭିତ୍ତିକ ଜାତୀୟ ମେଧା ବୃତ୍ତି ପରୀକ୍ଷା ଗୋଟିଏ ପର୍ଯ୍ୟାୟରେ ଅନୁଷ୍ଠିତ ହେବ।

**ପରୀକ୍ଷା ଦେୟ :** ଏହି ପରୀକ୍ଷା ନିମନ୍ତେ କୌଣସି ଦେୟ ଦେବାକୁ ପଡିବ ନାହିଁ । କିନ୍ତୁ ପ୍ରାର୍ଥୀମାନେ ପରୀକ୍ଷା କେନ୍ଦ୍ରକୁ ଆସିବା ଖର୍ଚ୍ଚ ନିଜେ ବହନ କରିବେ ।

**ପରୀକ୍ଷା ଦେବା ପାଇଁ ସର୍ବନିମ୍ନ ଯୋଗ୍ୟତା :** ଆୟ ଭିତ୍ତିକ ଜାତୀୟ ମେଧା ବୃତ୍ତି ପରୀକ୍ଷା ଦେବା ପାଇଁ ସାଧାରଣ / ସାମାଜିକ ତଥା ଆର୍ଥିକ ଅନଗ୍ରସର ପ୍ରାର୍ଥୀ (**General and SEBC Category**) ଗତ ସପ୍ତମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ସର୍ବନିମ୍ନ ୫୫ (ପଞ୍ଚାବନ) ପ୍ରତିଶତ ନମ୍ବର ରଖି ଅଷ୍ଟମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ସରଂକ୍ଷିତ ବର୍ଗ (**SC, ST and PH**) ପାଇଁ ଏଥିରେ ୫ ପ୍ରତିଶତ କୋହଳ କରାଯିବ ଅର୍ଥାତ ସେଭଳି ପ୍ରାର୍ଥୀଙ୍କ ପାଇଁ ୫୦ (ପ୍ରତିଶତ) ନମ୍ବର ରଖି ଅଷ୍ଟମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ପ୍ରାର୍ଥୀ ୨୦୨୩-୨୦୨୪ ଶିକ୍ଷା ବର୍ଷରେ ରାଜ୍ୟର **ସରକାରୀ/ସରକାରୀ ସାହାଯ୍ୟ ପ୍ରାପ୍ତ** ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଆବଶ୍ୟକ ।

**କେନ୍ଦ୍ରୀୟ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ, ସୈନିକ ସ୍କୁଲ**ରେ ପଢୁଥିବା ଛାତ୍ରଛାତ୍ରୀ ଏ ବୃତ୍ତି ପାଇବା ପାଇଁ ଯୋଗ୍ୟ ନୁହଁନ୍ତି । ସେହିପରି **ସରକାରୀ ଆବାସିକ ବିଦ୍ୟାଳୟ, ଅନୁସୂଚିତ ଜାତି/ଜନଜାତି ଉନ୍ନୟନ ବିଭାଗଙ୍କ ଅଧିନସ୍ଥ ଆବାସିକ ବିଦ୍ୟାଳୟ, କସ୍ତୁରବା ବାଳିକା ବିଦ୍ୟାଳୟ** ଇତ୍ୟାଦି ଯେଉଁଠାରେ ଛାତ୍ରଛାତ୍ରୀଙ୍କର ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଥିବେ, ସେଭଳି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ପ୍ରାର୍ଥୀମାନେ ଏହି ଯୋଜନା ଅଧୀନରେ ବୃତ୍ତି ପାଇଁ ଯୋଗ୍ୟ ହେବେ ନାହିଁ ।

ପ୍ରାର୍ଥୀ **ପିତାମାତାଙ୍କ ବାର୍ଷିକ ଆୟ ସମସ୍ତ ସୂତ୍ରରୁ ଟ. ୩,୫୦,୦୦୦** (ତିନିଲକ୍ଷ ପଚାଶ ହଜାର ଟଙ୍କା ମାତ୍ର) ରୁ ଅଧିକ ହୋଇନଥିବ ।

**ଓଡିଶା ପାଇଁ ବୃତ୍ତି ସଂଖ୍ୟା :** ସମୁଦାୟ ୩୩୧୪ଟି ବୃତ୍ତିକୁ ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରେ ଆବଣ୍ଟନ କରାଯିବ । ପ୍ରତ୍ୟକ ଜିଲ୍ଲା ପାଇଁ ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଅର୍ଥନୈତିକ ଅନଗ୍ରସର ବର୍ଗ (SEBC) ଓ ଶାରୀରିକ ଭିନ୍ନକ୍ଷମ ବର୍ଗର ପ୍ରାର୍ଥୀଙ୍କ ପାଇଁ ଆରକ୍ଷଣ ବ୍ୟବସ୍ଥା ରହିଛି ।

**ପରୀକ୍ଷାର ବିଷୟ :** ଏହି ପରୀକ୍ଷା ଦୁଇଟି ପତ୍ର (PAPER) ବିଶିଷ୍ଟ ହେବ ।

| ପରୀକ୍ଷଣ | ପୂର୍ଣ୍ଣସଂଖ୍ୟା | ପ୍ରଶ୍ନସଂଖ୍ୟା | ଅବଧି |
|---|---|---|---|
| ୧ମ ପତ୍ର - ମାନସିକ ଦକ୍ଷତା ପରୀକ୍ଷଣ (MAT) | ୯୦ | ୯୦ | ୯୦ ମିନିଟ |
| ୨ୟ ପତ୍ର - ବିଷୟଗତ ଦକ୍ଷତା ପରୀକ୍ଷଣ (SAT) | ୯୦ | ୯୦ | ୯୦ ମିନିଟ |

**୧ମ ପତ୍ର :** ମାନସିକ ଦକ୍ଷତା ପରୀକ୍ଷଣ (Mental Ability Test) : ଏହି ପତ୍ରରେ ବହୁ ବିକଳ୍ପ ଉତ୍ତର ବିଶିଷ୍ଟ (Multiple choice) ୯୦ଟି ପ୍ରଶ୍ନ ରହିବ । ଏଗୁଡିକ ମାନସିକ ଦକ୍ଷତାର ବିଭିନ୍ନ ବିଭବ ଯଥା **ଯୁକ୍ତି** (Reasoning), **ସାଦୃଶ** (Analogy), **ଶ୍ରେଣୀ ବିଭାଗ** (Classification), **ସାଂଖ୍ୟିକ କ୍ରମ** (Numerical series), **ଢାଞ୍ଚା ଉପଲବ୍ଧି** (Pattern Perception), **ଲୁକ୍କାୟିତ ଚିତ୍ର** (Hidden figure) ଇତ୍ୟାଦି ଉପରେ ପର୍ଯ୍ୟବେସିତ । ଏଗୁଡିକୁ ୯୦ ମିନିଟ୍ ରେ ଉତ୍ତର ଦେବାକୁ ହେବ ।

**୨ୟ ପତ୍ର :** ବିଷୟଗତ ଦକ୍ଷତା (Scholastic Aptitude Test) : ଏହି ବିଭାଗରେ ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବବିଜ୍ଞାନ, ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ ଓ ଅର୍ଥନୀତି ଇତ୍ୟାଦି ବିଷୟରୁ ୯୦ଟି ବହୁ ବହୁବିକଳ୍ପ ପ୍ରଶ୍ନ ରହିବ । ଏଗୁଡିକୁ ୯୦ ମିନିଟରେ ଉତ୍ତର ଦେବାକୁ ହେବ ।

**ପରୀକ୍ଷା ନିମନ୍ତେ ପାଠ୍ୟ ବିଷୟ :** ଏହି ପରୀକ୍ଷା ପାଇଁ କୌଣସି ନିର୍ଦ୍ଦିଷ୍ଟ ପାଠ୍ୟ ବିଷୟ ନାହିଁ । ତେବେ ପ୍ରଶ୍ନଗୁଡିକ ୭ମ ଓ ୮ମ ଶ୍ରେଣୀର ପାଠ୍ୟ ବିଷୟକୁ ନେଇ ଗଠିତ ହୋଇପାରେ ।

**ଚୟନ ପ୍ରକ୍ରିୟା :** ଏହି ପରୀକ୍ଷାରେ ପ୍ରାର୍ଥୀଙ୍କୁ ୧ମ ପତ୍ର (MAT) ରେ ୨ୟ ପତ୍ର (SAT) ରେ ମିଶିକରି ୪୦ (ଚାଳିଶ) ପ୍ରତିଶତ ନମ୍ବର ରଖିବାକୁ ପଡିବ । ତେବେ ସରଂକ୍ଷିତ ବର୍ଗ ପ୍ରାର୍ଥୀମାନଙ୍କ ପାଇଁ ଉଭୟ ପତ୍ରରେ ମିଶିକରି ୩୨ (ବତିଶି) ପ୍ରତିଶତ ନମ୍ବର ରଖିବାକୁ ହେବ । ଉଭୟ ପତ୍ରରେ ରଖିଥିବା ମୋଟ ନମ୍ବରକୁ ନେଇ ପ୍ରାର୍ଥୀମାନଙ୍କର ମେଧା ତାଲିକା ପ୍ରସ୍ତୁତ କରାଯିବ ।

**ବୃତ୍ତି ପରିମାଣ ଓ ଅବଧି :** ମନୋନୀତ ପ୍ରାର୍ଥୀମାନେ ବୃତ୍ତି ପରିସରଭୁକ୍ତ ଅନୁଷ୍ଠାନରେ ପାଠପଢାର ସନ୍ତୋଷ ଜନକ ଅଗ୍ରଗତି ଆଧାରରେ ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମାସିକ ୧୦୦୦ ଟଙ୍କା ହିସାବରେ ଚାରି ବର୍ଷ ବୃତ୍ତି ପାଇବେ ।

- ବୃତ୍ତି ପାଇବା ପାଇଁ ଛାତ୍ରଛାତ୍ରୀ ସଫଳତାର ସହ ଅଷ୍ଟମ ଶ୍ରେଣୀରୁ ୯ମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବେ ।
- ଡିପ୍ଲୋମା ବା ସାର୍ଟିଫିକେଟ କୋର୍ସ କରୁଥିବା ପିଲାମାନେ ଏହି ବୃତ୍ତି ପାଇବାକୁ ଯୋଗ୍ୟ ହେବେ ନାହିଁ ।
- ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବୃତ୍ତି ପାଇବା ପାଇଁ ଛାତ୍ରଛାତ୍ରୀମାନେ ୯ମ ରୁ ୧୦ମ କୁ ଏବଂ ଏକାଦଶରୁ ଦ୍ୱାଦଶ ଶ୍ରେଣୀକୁ ସଫଳତାର ସହ ପ୍ରଥମ ଥରରେ ପାସ କରିଥିବେ ।
- ଛାତ୍ରଛାତ୍ରୀମାନେ ୧୦ମ ଶ୍ରେଣୀରେ ବୃତ୍ତି ପାଇବା ପାଇଁ ୬୦ ପ୍ରତିଶତ ନମ୍ବର ରଖିଥିବା ଅବଶ୍ୟକ। ସରଂକ୍ଷିତ ବର୍ଗ **(SC, ST and PH)** ପାଇଁ ଏଥିରେ ୫ ପ୍ରତିଶତ କୋହଳ କରାଯିବ ।
- **ଛାତ୍ରଛାତ୍ରୀମାନେ ବୃତ୍ତି ପାଇବା ପାଇଁ ପ୍ରତି ବର୍ଷ National Scholarship Portal (NSP) ରେ ନିଜର ଦରଖାସ୍ତ ଦାଖଲ କରିବେ ନଚେତ ବୃତ୍ତି ପାଇବାରୁ ବଞ୍ଚିତ ହେବେ ।**
- ବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରଛାତ୍ରୀମାନେ ନୂତନ ଭାବେ / ପୁନଃ ପଞ୍ଜିକରଣ ନିମନ୍ତେ NSP ରେ ଦରଖାସ୍ତ ଦେବା ଆବଶ୍ୟକ । ଉଦ୍ଦିଷ୍ଟ ଦରଖାସ୍ତ ଗୁଡ଼ିକୁ ସେହି ସ୍କୁଲର ପ୍ରଧାନଶିକ୍ଷକ /ଜିଲ୍ଲା ଶିକ୍ଷା ଅଧିକାରୀ National Scholarship Portal ରେ ଛାତ୍ରଛାତ୍ରୀ ମାନଙ୍କର ବୃତ୍ତିର ଯୋଗ୍ୟତା ଆଧାରରେ ଯାଞ୍ଚ (verification) କରିବେ ।

**ପରୀକ୍ଷା କେନ୍ଦ୍ର :** ଏହି ପରୀକ୍ଷା ରାଜ୍ୟର ଜିଲ୍ଲା ସଦର ମହକୁମାରେ ଥିବା ସରକାରୀ ମହାବିଦ୍ୟାଳୟ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ, ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ମାନଙ୍କରେ ଅନୁଷ୍ଠିତ ହେବ ।

**ଆବେଦନ କରିବେ କିପରି :** ଛାତ୍ରଛାତ୍ରୀମାନେ TE & SCERT ର ୱେବସାଇଟ www.ntse.scertodisha.nic.in କୁ login କରି ଅନଲାଇନରେ ଆବେଦନ ପତ୍ର ପୂରଣ କରିପାରିବେ । ଫର୍ମ ପୂରଣ କରିସାରିବା ପରେ ଡାଉନଲୋଡ କରି ପ୍ରିଣ୍ଟଆଉଟ ନେବେ । ଫର୍ମରେ ଥିବା ଉଦ୍ଦିଷ୍ଟ ସ୍ଥାନରେ ପିତାମାତାଙ୍କର ଆବଶ୍ୟକୀୟ ତଥ୍ୟଗୁଡିକ ପୂରଣ କରିବା ସହ ନିଜେ ଦସ୍ତଖତ କରି ଆବଶ୍ୟକୀୟ ପ୍ରମାଣପତ୍ର ସହ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ

ଦାଖଲ କରିବେ। ସ୍କୁଲର ମୁଖ୍ୟ ସ୍କୁଲ ପାଇଁ ଉଦ୍ଦିଷ୍ଟ ଅବଶ୍ୟକୀୟ ବିବରଣୀ ପୂରଣ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଫର୍ମ ଗୁଡିକ ଦାଖଲ କରିବେ । ଜିଲ୍ଲା ଶିକ୍ଷା ଅଧିକାରୀ ଫର୍ମ ଗୁଡିକୁ ଉପଯୁକ୍ତ ଭାବରେ ଯାଞ୍ଚ (Validate) କରି ଛାତ୍ରଛାତ୍ରୀମାନଙ୍କ ପରିକ୍ଷାକେନ୍ଦ୍ର ଓ ୧୨ ସଂଖ୍ୟା ବିଶିଷ୍ଟ ରୋଲ ନମ୍ବର ପ୍ରଦାନ କରିବେ । ପରୀକ୍ଷା ପାଇଁ ପ୍ରବେଶ ପତ୍ର ଗୁଡିକ ବିଦ୍ୟାଳୟ/ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ସମୟରେ ଡାଉନଲୋଡ କରିପାରିବେ ।

**ସମୟ ନିର୍ଘଣ୍ଟ :**

| | |
|---|---|
| ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନଲାଇନ ଆବେଦନର ପତ୍ର ପୂରଣ ଓ ଏହାର ପ୍ରିଣ୍ଟଆଉଟକୁ ପ୍ରଧାନ ଶିକ୍ଷକଙ୍କ ନିକଟରେ ଦାଖଲ | **୦୫. ୦୮.୨୦୨୩ରୁ ୩୧.୦୮.୨୦୨୩** |
| ପ୍ରଧାନ ଶିକ୍ଷକଙ୍କ ଦସ୍ତଖତ ଓ ମୋହର ସହ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଆବେଦନ ପତ୍ର ଦାଖଲ | **୦୮.୦୯.୨୦୨୩ ସୁଦ୍ଧା** |
| ଆବେଦନ ପତ୍ର ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଅନଲାଇନ Validation ର ଶେଷ ତାରିଖ | **୨୫.୦୯.୨୦୨୩ ସୁଦ୍ଧା** |
| ବିଦ୍ୟାଳୟ / ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରୀକ୍ଷା ନିମନ୍ତେ ପ୍ରବେଶ ପତ୍ର ଡାଉନଲୋଡ କରିବା | **୨୦.୧୦.୨୦୨୩ ରୁ ୦୫.୧୧.୨୦୨୩** |
| **ପରୀକ୍ଷାର ତାରିଖ** | **୦୫.୧୧.୨୦୨୩** |

**ଆବଶ୍ୟକୀୟ ପ୍ରମାଣ ପତ୍ର ଦାଖଲ :** ଛାତ୍ରଛାତ୍ରୀମାନେ ଆବଶ୍ୟକୀୟ ପ୍ରମାଣପତ୍ର ସହିତ ଆବେଦନପତ୍ର ଦାଖଲ କରିବେ ।

- ଅନୁସୂଚିତ ଜାତି ଓ ଜନଜାତି (SC/ST) ଏବଂ ସାମାଜିକ ଅର୍ଥନୈତିକ ଅନଗ୍ରସର ବର୍ଗର (SEBC) ପ୍ରାର୍ଥୀ ମାନଙ୍କର ଜାତିଗତ ପ୍ରମାଣପତ୍ର ରାଜସ୍ବ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବ.
- ଭିନ୍ନକ୍ଷମ ପ୍ରାର୍ଥୀ ମାନଙ୍କର ପ୍ରମାଣପତ୍ର ଜିଲ୍ଲା ମେଡିକାଲ ବୋର୍ଡ ଦ୍ୱାରା ପ୍ରାପ୍ତ ହେବା ବାଞ୍ଛନୀୟ ।
- ଛାତ୍ରଛାତ୍ରୀମାନଙ୍କ ପିତାମାତାଙ୍କର ଆୟର ପ୍ରମାଣପତ୍ର (ପୂର୍ବ ବର୍ଷର) ରାଜସ୍ବ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବ ।
- ଆୟ ପ୍ରମାଣପତ୍ର ନଥିବା ସ୍ଥଳେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ (NFSA) / ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (SFSS) ସମ୍ବନ୍ଧୀୟ ପ୍ରମାଣପତ୍ର ସଲଗ୍ନ କରପାରିବେ । **ଏହି କାର୍ଡ କେବଳ ଛାତ୍ରଛାତ୍ରୀଙ୍କର ବାପା କିମ୍ବା ମାଙ୍କ ନାମରେ ଥିବା ଆବଶ୍ୟକ । ନଚେତ ଏହା ଗ୍ରହଣ ଯୋଗ୍ୟ ହେବ ନାହିଁ ।**

ଅନଲାଇନ ମାଧ୍ୟମରେ ଆବେଦନ କରିଥିବା ଛାତ୍ରଛାତ୍ରୀ ମାନଙ୍କର ଦରଖାସ୍ତ ଗୁଡିକ ପ୍ରଧାନ ଶିକ୍ଷକ / ଶିକ୍ଷୟତ୍ରୀ ଓ ପ୍ରାର୍ଥୀଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇ ଉପର ଲିଖିତ ତଥ୍ୟ ସମ୍ବଳିତ ଫର୍ଦ୍ଦ ଗୁଡିକ (document) ୦୮.୦୯.୨୦୨୩ ସୁଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ପହଞ୍ଚିବା ବାଞ୍ଛନୀୟ । ଏହାର ପରବର୍ତ୍ତୀ ସମୟରେ ପହଞ୍ଚିଥିବା ଦରଖାସ୍ତ ଗୁଡିକୁ ଗ୍ରହଣ କରାଯିବ ନାହିଁ ।

ସ୍ୱା/-

**ନିର୍ଦ୍ଦେଶକ**

**ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡିଶା, ଭୁବନେଶ୍ୱର**